# ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

## ଏମ୍ଏଟିଏ ସଂଖ୍ୟା 217/2022

*ସତ୍ୟଜିତ ପାଢ଼ୀ ଏବଂ ଅନ୍ୟ ଜଣେ* ............ *ଆବେଦନକାରୀମାନେ*

*-ବନାମ-*

*ଯୋଗମାୟା ପତି* ............ *ଉତ୍ତରଦାତା*

**ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତାମାନେ:**

ଆବେଦନକାରୀଙ୍କ ପାଇଁ : ଶ୍ରୀଯୁକ୍ତ ଜି.ଏନ୍. ପରିଡା, ଅଧିବକ୍ତା

ଉତ୍ତରଦାତାଙ୍କ ପାଇଁ : ଶ୍ରୀଯୁକ୍ତ ଅମିତାଭ ଦାସ, ଅଧିବକ୍ତା

**ପୀଠାସୀନ :**

**ଅରିନ୍ଦମ ସିହ୍ନା, ନ୍ୟାୟମୂର୍ତ୍ତି**

**ଏମ୍. ଏସ୍. ସାହୁ, ନ୍ୟାୟମୂର୍ତ୍ତି**

HIGH COURT ORISSA सत्यमेव जयते

## ରାୟ

---

**ଶୁଣାଣି ତାରିଖ: 2 ନଭେମ୍ବର, 2023 ଏବଂ 3 ଜାନୁଆରୀ ,2024**

**ରାୟ ତାରିଖ: 3 ଜାନୁଆରୀ, 2024**

---

**ଅରିନ୍ଦମ ସିହ୍ନା, ନ୍ୟାୟମୂର୍ତ୍ତି**

1. ବିଚାର ପାଇଁ ଆମ ସମ୍ମୁଖରେ ଦୁଇଟି ଆବେଦନ ରହିଛି । ଏଗୁଡ଼ିକ ସ୍ୱାମୀଙ୍କ ଦ୍ୱାରା ଦାଖଲ କରାଯାଇଛି । ପ୍ରଥମଟି ହେଉଛି ଏମ୍ଏଟିଏ ସଂଖ୍ୟା 89/2022 ଯାହାକି ତା. 5 ଏପ୍ରିଲ, 2022ରିଖରେ ପାରିବାରିକ ନ୍ୟାୟାଳୟ ଦ୍ୱାରା ଦାମ୍ପତ୍ୟ ଅଧିକାର

ପୁନଃସ୍ଥାପନ ପାଇଁ ଉତ୍ତରଦାତା-ପତ୍ନୀଙ୍କ ଆବେଦନକୁ ପ୍ରତିଦ୍ୱନ୍ଦ୍ୱିତା ଉପରେ ଅନୁମତି ଦେବା ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଥିଲା । ଅନ୍ୟ ଏକ ଆବେଦନ ହେଉଛି ଏମ୍‌ଏଟିଏ ସଂଖ୍ୟା 217/2022 ଯାହାକି ତା.16 ସେପ୍ଟେମ୍ବର, 2022ରିଖରେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଅଧିନିୟମ,2005ର ଧାରା 12 ଅଧୀନରେ ଉତ୍ତରଦାତା-ପତ୍ନୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଉପରେ ଉକ୍ତ ନ୍ୟାୟାଳୟର ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଥିଲା । ନ୍ୟାୟାଳୟଙ୍କ ପ୍ରଶ୍ନ ଉପରେ, ଆବେଦନକାରୀ-ସ୍ୱାମୀଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ପରିଡ଼ାଙ୍କ ଦ୍ୱାରା 2005ର ଅଧିନିୟମ ଅନୁଯାୟୀ ତା.22 ଜୁନ 2018ରେ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଆବେଦନ ଉପସ୍ଥାପନ କରିଥିବା ପ୍ରକାଶ କଲେ । ନ୍ୟାୟାଳୟରୁ ହୋଇଥିବା ଅଧିକ ପ୍ରଶ୍ନ ଉପରେ ସେ ପ୍ରକାଶ କରିଥିଲେ ଯେ, ହିନ୍ଦୁ ବିବାହ ଅଧିନିୟମ, 1955 ର ଧାରା 9 ଅଧୀନରେ ହୋଇଥିବା ଆବେଦନଟି ଉତ୍ତରଦାତା-ପତ୍ନୀଙ୍କ ଦ୍ୱାରା 27 ନଭେମ୍ବର, 2017 ରେ କିମ୍ବା ତା'ପୂର୍ବରୁ ଉପସ୍ଥାପିତ ହୋଇଥିଲା, ଯେଉଁ ତାରିଖରେ ପାରିବାରିକ ନ୍ୟାୟାଳୟ ଦ୍ୱାରା ପ୍ରଥମ ରାୟ ଦିଆଯାଇଥିଲା ।

HIGH COURT सत्यमेव जयते ORISSA

2. ଏହା ଜଣାପଡୁଛି ଯେ ଆବେଦନକାରୀ-ସ୍ୱାମୀ ଘରୋଇ ହିଂସା ମାମଲାକୁ ପାରିବାରିକ ନ୍ୟାୟାଳୟ କୁ ସ୍ଥାନାନ୍ତର କରିବା ପାଇଁ ଆବେଦନ କରିଥିଲେ, ଯାହା ପୂର୍ବରୁ ଧାରା 9 ଅନୁଯାୟୀ ଉତ୍ତରଦାତା-ପତ୍ନୀଙ୍କ ଦ୍ୱାରା ଦାଖଲ ହୋଇଥିବା ଦେୱାନୀ କାର୍ଯ୍ୟାନୁଷ୍ଠାନରେ ଥିଲା । **ମାର୍ଚ୍ଚ 7,2022 ତାରିଖର ଆଦେଶ ଅନୁଯାୟୀ ଟିଆର୍‌ପି (ସିଆର୍‌ଏଲ୍. ସଂଖ୍ୟା 09/2022) (ସତ୍ୟଜିତ ପାଢ଼ୀ ବନାମ ଯୋଗମାୟା ପତି)** ଏହି ନ୍ୟାୟାଳୟର ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଅପରାଧିକ ମାମଲାକୁ ପାରିବାରିକ ନ୍ୟାୟାଳୟକୁ ସ୍ଥାନାନ୍ତର କରିଥିଲେ । ଉକ୍ତ ଆଦେଶର ଅନୁଚ୍ଛେଦ 5କୁ ତଳେ ଆମେ ପୁନଃସ୍ଥାପନ କରୁଛୁ ।

*"ଏହି ମାମଲାରେ ତଥ୍ୟ ଏବଂ ନିବେଦନ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ଆଇନକୁ ବିଚାରକୁ ନେଇ **ରଜନୀଶ ବନାମ ନେହା** (ଏସ୍ଏଲ୍ପି (4 ନଭେମ୍ବର,2020ରେ ପରିସମାପ୍ତ ସିଆର୍ଏଲ୍ ସଂଖ୍ୟା 9503/2018) ରୁ ଉତ୍ପନ୍ନ ଅପରାଧିକ ଆବେଦନ ସଂଖ୍ୟା 730/2020), ଏହି ନ୍ୟାୟାଳୟ ଙ୍କ ମତ ହେଉଛି ଯେ ଯଦି, ଜେ.ଏମ୍.ଏଫ୍.ସି. (2), କେନ୍ଦୁଝରଙ୍କ ଠାରୁ ବିଜ୍ଞ ବିଚାରପତି, ପାରିବାରିକ ନ୍ୟାୟାଳୟ, କେନ୍ଦୁଝରଙ୍କୁ ସିଏମ୍ସି(ଡ଼ିଭି) ମାମଲା ସଂଖ୍ୟା 131/2018ର ନଥିକୁ ସ୍ଥାନାନ୍ତରିତ କରାଗଲା, ତେବେ ଉଭୟ ନ୍ୟାୟାଳୟ ଗୋଟିଏ ସ୍ଥାନରେ ଅବସ୍ଥିତ ହୋଇଥିବାରୁ ଏହା ପ୍ରତିପକ୍ଷ-ପତ୍ନୀଙ୍କ ପାଇଁ କୌଣସି ଅସୁବିଧା ସୃଷ୍ଟି କରିବ ନାହିଁ । ତେଣୁ, ପ୍ରତିପକ୍ଷ-ପତ୍ନୀଙ୍କୁ ନୋଟିସ୍ ଜାରି ନକରି, ଏହି ନ୍ୟାୟାଳୟ, ଜେ.ଏମ୍.ଏଫ୍.ସି. (2), କେନ୍ଦୁଝରଙ୍କ ନଥିରେ ବିଚାରାଧିନ ସିଏମ୍ସି(ଡ଼ିଭି) ମାମଲା ସଂଖ୍ୟା 131/2018 କୁ ବିଚାରପତି, ପାରିବାରିକ ନ୍ୟାୟଳୟ,କେନ୍ଦୁଝରକୁ ସ୍ଥାନାନ୍ତର କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ନ୍ୟାୟାଳୟ ଏହି ଆଦେଶର ପ୍ରମାଣୀକୃତ ନକଲ ଉପସ୍ଥାପନ କରିବା ପରେ ଆବଶ୍ୟକ କାର୍ଯ୍ୟ କରିବେ ଏବଂ ଏହାକୁ ପ୍ରତିପକ୍ଷଙ୍କୁ ଅବଗତ କରାଇବେ । ଯେତେଶୀଘ୍ର ସମ୍ଭବ, ବିଶେଷ କରି ଛଅ ମାସ ମଧ୍ୟରେ ଉଭୟ ମାମଲାର ପରିସମାପ୍ତି ପାଇଁ ବିଜ୍ଞ ବିଚାରପତି, ପାରିବାରିକ ନ୍ୟାୟାଳୟ, କେନ୍ଦୁଝରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।"*

ସ୍ଥାନାନ୍ତର ଆଦେଶ ଦେବା ପାଇଁ ବିଜ୍ଞ ଏକକ ନ୍ୟାୟାମୂର୍ତ୍ତିଙ୍କ ଦ୍ୱାରା **AIR 2021 SC 569**ରେ ସୂଚିତ **ରଜନୀଶ ବନାମ ନେହା** ମାମଲା ଉପରେ ନିର୍ଭର କରାଯାଇଥିଲା । ଆମେ ରାୟର ଅନୁଚ୍ଛେଦ 17 ରୁ ଦୁଇଟି ଲେଖାଶଂ ନିମ୍ନରେ ପୁନଃସ୍ଥାପନ କରୁଛୁ ।

*"<u>ଅଧିବ୍ୟାପୀ କ୍ଷେତ୍ରାଧିକାର ଉପରେ ନିର୍ଦ୍ଦେଶାବଳୀ</u>*

*ଏହା ଭଲ ଭାବରେ ସ୍ଥିର ହୋଇଛି ଯେ ଜଣେ ପତ୍ନୀ ବିଭିନ୍ନ ନିୟମ ଅନୁଯାୟୀ ଭରଣପୋଷଣ ପାଇଁ ଦାବି କରିପାରିବେ । ଉଦାହରଣ ସ୍ୱରୂପ, ଉଭୟ ଡି.ଭି. ଅଧିନିୟମ ଏବଂ ସିଆର୍.ପି.ସିର ଧାରା 125 କିମ୍ବା ଏଚ୍.ଏମ୍.ଏ. ଅଧୀନରେ ଭରଣପୋଷଣ ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ତେବେ, ପୂର୍ବ*



HIGH COURT ORISSA सत्यमेव जयते

*କାର୍ଯ୍ୟାନୁଷ୍ଠାନରେ ଦିଆଯାଇଥିବା ପ୍ରତିକାର ଠାରୁ ସ୍ୱାଧୀନ ଭାବରେ, ପ୍ରତ୍ୟେକ କାର୍ଯ୍ୟାନୁଷ୍ଠାନ ଅଧୀନରେ ଭରଣପୋଷଣ ପ୍ରଦାନ କରିବାକୁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେବା ଅନ୍ୟାୟ ହେବ । ଯଦି ପୂର୍ବରୁ ସ୍ଥାପିତ କାର୍ଯ୍ୟାନୁଷ୍ଠାନରେ ପତ୍ନୀଙ୍କୁ ଭରଣପୋଷଣ ପ୍ରଦାନ କରାଯାଏ, ତେବେ ସେ ଭରଣପୋଷଣ ପାଇଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନରେ ଏହାକୁ ପ୍ରକାଶ କରିବାକୁ ଏକ ଆଇନଗତ ନୈତିକ ଦାୟିତ୍ୱର ଅଧୀନରେ ଅଛନ୍ତି, ଯାହା ଅନ୍ୟ ଏକ ଅଧିନିୟମ ଅନୁଯାୟୀ ଦାଖଲ କରାଯାଇପାରେ । ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନରେ ଭରଣପୋଷଣର ପରିମାଣ ନିର୍ଦ୍ଧାରଣ କରିବା ସମୟରେ, ଦେୱାନୀ ନ୍ୟାୟାଳୟ/ପାରିବାରିକ ନ୍ୟାୟାଳୟ ପୂର୍ବରୁ କରାଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନରେ ପ୍ରଦାନ କରାଯାଇଥିବା ଭରଣପୋଷଣକୁ ଧ୍ୟାନରେ ରଖିବେ ଏବଂ ଦାବିଦାରଙ୍କୁ ଦେୟ ହେଇପାରୁଥିବା ଭରଣପୋଷଣ ନିର୍ଦ୍ଧାରଣ କରିବେ ।*

*ଅଧିବ୍ୟାପୀ କ୍ଷେତ୍ରାଧିକାର ସମସ୍ୟାକୁ ଦୂର କରିବା ପାଇଁ, ଏବଂ ବିଭିନ୍ନ କାର୍ଯ୍ୟାନୁଷ୍ଠାନରେ ପରସ୍ପର ବିରୋଧୀ ଆଦେଶ ପାରିତ ନହେବା ପାଇଁ, ଯେ ପରବର୍ତ୍ତୀ ଭରଣପୋଷଣ କାର୍ଯ୍ୟାନୁଷ୍ଠାନରେ, ଦରଖାସ୍ତକାରୀ ପୂର୍ବ ଭରଣପୋଷଣ କାର୍ଯ୍ୟାନୁଷ୍ଠାନ ଏବଂ ସେଥିରେ ପାରିତ ଆଦେଶକୁ ପ୍ରକାଶ କରିବେ ବୋଲି ଆମେ ନିର୍ଦ୍ଦେଶ ଦେଉଛୁ, ଯାହା ଦ୍ୱାରା ନ୍ୟାୟାଳୟ ପୂର୍ବ କାର୍ଯ୍ୟାନୁଷ୍ଠାନରେ ପୂର୍ବରୁ ଦିଆଯାଇଥିବା ଭରଣପୋଷଣକୁ ବିଚାରକୁ ନେବେ, ଏବଂ ଉକ୍ତ ପରିମାଣର ଏକ ବ୍ୟବସ୍ଥାପନା କିମ୍ବା ପ୍ରତିବଦଳ ମଞ୍ଜୁର କରିବେ । ଯଦି ପୂର୍ବ କାର୍ଯ୍ୟାନୁଷ୍ଠାନରେ ପାରିତ ଆଦେଶରେ କୌଣସି ରୂପାନ୍ତରଣ କିମ୍ବା ପରିବର୍ତ୍ତନ ଆବଶ୍ୟକ ହୁଏ, ତେବେ ପକ୍ଷକୁ ପୂର୍ବ କାର୍ଯ୍ୟାନୁଷ୍ଠାନରେ ସମ୍ପୃକ୍ତ ନ୍ୟାୟାଳୟକୁ ଯିବାକୁ ପଡ଼ିବ ।"*

3. ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973ର ଧାରା 407, ମାମଲା ଏବଂ ଅପିଲ ଗୁଡ଼ିକ ସ୍ଥାନାନ୍ତର କରିବା ପାଇଁ ଉଚ୍ଚ ନ୍ୟାୟାଳୟକୁ କ୍ଷମତା ପ୍ରଦାନ କରିଥାଏ । ଅନ୍ୟାନ୍ୟ ବିଷୟ ମଧ୍ୟରେ, ଏକ ନିର୍ଦ୍ଦିଷ୍ଟ ମାମଲାକୁ ଏହାର କର୍ତ୍ତୃପକ୍ଷଙ୍କ ଅଧୀନସ୍ଥ ଫୌଜଦାରୀ

ନ୍ୟାୟାଳୟରୁ ସମାନ କିମ୍ବା ଉପରିସ୍ଥ କ୍ଷେତ୍ରାଧିକାରର ଅନ୍ୟ କୌଣସି ଅପରାଧିକ ନ୍ୟାୟାଳୟକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା ରହିଛି । ଆମେ ଏହି ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରୁଛୁ କାରଣ, ସ୍ଥାନାନ୍ତରଣ ଆଦେଶ ଦ୍ୱାରା ଅପରାଧିକ ମାମଲା ଉଚ୍ଚ ନ୍ୟାୟାଳୟକୁ ନୁହେଁ ବରଂ ପାରିବାରିକ ନ୍ୟାୟାଳୟକୁ ସ୍ଥାନାନ୍ତର କରିଥିଲେ । ଉକ୍ତ ନ୍ୟାୟାଳୟ ଏକ ଅପରାଧିକ ନ୍ୟାୟାଳୟ ହୋଇନଥିବାରୁ, ସ୍ପଷ୍ଟତଃ **ରଜନୀଶ ବନାମ ନେହା** (ପୂର୍ବୋକ୍ତ) ରେ ଉପରୋକ୍ତ ଅନୁଚ୍ଛେଦଗୁଡ଼ିକର ନିର୍ଭରଶୀଳତା ଉପରେ ଘରୋଇ ହିଂସା ମାମଲାର ଗ୍ରହୀତା ଥିଲେ । ତାପରେ, ପାରିବାରିକ ନ୍ୟାୟାଳୟ ଅଧିନିୟମ, 1984ର ଧାରା 7, ଏହାର ଅଧିକାରିତା ପାଇଁ ଅନେକ ଖଣ୍ଡ ବ୍ୟାଖ୍ୟା ସହିତ ପ୍ରଦାନ କରେ । ସେମାନଙ୍କ ମଧ୍ୟରୁ କେହି ମଧ୍ୟ 2005 ଅଧିନିୟମ ଅନୁଯାୟୀ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଆରମ୍ଭ ହୋଇଥିବା ଏକ ଅପରାଧିକ ମାମଲା ସେମାନଙ୍କ ପରିସର ମଧ୍ୟରେ ଅନ୍ତର୍ଭୁକ୍ତ କରନ୍ତି ନାହିଁ । ଆମେ ଏହି ଜଟିଳତାକୁ ସୂଚିତ କରୁଛୁ କାରଣ, 2005 ଅଧିନିୟମର ଧାରା 29, ଦଣ୍ଡାଧିକାରୀଙ୍କ ଦ୍ୱାରା ଧାରା 12 ଅଧୀନରେ ପାରିତ ଆଦେଶକୁ ଦୌରା ନ୍ୟାୟାଳୟରେ ଅପିଲ କରିବାର ବ୍ୟବସ୍ଥା କରେ । ଏକ ଘରୋଇ ହିଂସା ମାମଲାରୁ, ଏମ୍ଏଟିଏ ସଂଖ୍ୟା 217/2022ରେ ହୋଇଥିବା ଅପିଲ ଆମ ସମ୍ମୁଖରେ ଅଛି ଯେହେତୁ ପାରିବାରିକ ନ୍ୟାୟାଳୟ ସେଥିରେ ଆଦେଶ ପାରିତ କରିଛି ଏବଂ ପାରିବାରକ ନ୍ୟାୟାଳୟ ଅଧିନିୟମ, 1984 ର ଧାରା 19 ଅନୁଯାୟୀ ଏହି ନ୍ୟାୟାଳୟରେ ଅପିଲ କରାଯାଇଛି ।

4. ଘରୋଇ ହିଂସା ମାମଲାରେ ପାରିବାରକ ନ୍ୟାୟାଳୟ ଆକ୍ଷେପିତ ରାୟ ମାଧ୍ୟମରେ ବିଭିନ୍ନ ଆଦେଶ ଦେଇଥିଲେ । ସେଗୁଡ଼ିକ ମଧ୍ୟରେ ଉତ୍ତରଦାତା (ଆବେଦନକାରୀ ଏବଂ ତାଙ୍କ ପିତା) ଙ୍କୁ ସେପ୍ଟେମ୍ବର, 2022 ଠାରୁ ରହୁଥିବା ଘରରେ ଭାଗ କିମ୍ବା ବିକଳ୍ପ ଭାବରେ ମାସିକ ଘର ଭଡା ବାବଦରେ ₹5,000/- ପ୍ରଦାନ

କରିବାକୁ,ମାସିକ ଭରଣପୋଷଣ ବାବଦରେ ₹6,000/- ଦେବା ସହିତ ଯୌତୁକ ସାମଗ୍ରୀ ତଥା ଉପହାର ସାମଗ୍ରୀ ଫେରସ୍ତ ଦେବା ବ୍ୟତୀତ କ୍ଷତିପୂରଣ ବାବଦକୁ ₹1,00,000/- ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶର ପ୍ରଭାବ ଅଲଗା ହେବାର ସଙ୍କେତ ଦେଇଥାଏ । ଆବେଦନକାରୀ-ସ୍ୱାମୀ ଆବେଦନରେ ଆମ ସମ୍ମୁଖରେ ଥିବାବେଳେ ଉତ୍ତରଦାତା-ପତ୍ନୀ ଆଦେଶ ଗ୍ରହଣ କରିଥିଲେ । ତଥାପି ସେ ଦାମ୍ପତ୍ୟ ଅଧିକାର ପୁନଃସ୍ଥାପନ ପାଇଁ ଆବେଦନ କରିଥିଲେ ଏବଂ ଡିକ୍ରି ପାଇଥିଲେ । ଉତ୍ତରଦାତା-ପତ୍ନୀଙ୍କ ଦ୍ୱାରା ନିଆଯାଇଥିବା ପରସ୍ପର ବିରୋଧୀ ଆଭିମୁଖ୍ୟ ଆମ ମନରେ ଏକ ସ୍ପଷ୍ଟ ଛାପ ଛାଡ଼ିଥାଏ ।

5. ଆବେଦନରେ ଆମ ସମ୍ମୁଖରେ ଥିବା ଉଭୟ ଆକ୍ଷେପିତ ଆଦେଶକୁ ଆମେ ଅନୁଧ୍ୟାନ କରିଛୁ । ଦାମ୍ପତ୍ୟ ଅଧିକାର ପୁନଃସ୍ଥାପନ ଆଦେଶ ଜାରି କରୁଥିବା ଆକ୍ଷେପିତ ଆଦେଶରେ ଦେଖିବାକୁ ମିଳିଛି ଯେ 'ବିସ୍ଲୋଜାଇମ୍' ଏକ ହୋମିଓପାଥି ଔଷଧ, ବିଷାକ୍ତ ନୁହେଁ । ଘରୋଇ ହିଂସା ସମ୍ବନ୍ଧରେ ଦିଆଯାଇଥିବା ଆଦେଶ ନିମନ୍ତେ, ପାରିବାରିକ ନ୍ୟାୟାଳୟ ଉତ୍ତରଦାତା-ପତ୍ନୀଙ୍କ ଦ୍ୱାରା ତାଙ୍କ ପ୍ରତି ହୋଇଥିବା ନିଷ୍ଠୁରତା କାରଣରୁ ଆତ୍ମହତ୍ୟା ଉଦ୍ୟମ ଭାବରେ 200 ମିଲି ବିସ୍ଲୋଜାଇମ୍ ଖାଇଥିବା ଉପରେ ନିର୍ଭର କରିଛନ୍ତି । ତଥାପି, ସେହି ଆଦେଶରେ, ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ ମୁଣ୍ଡରେ ରକ୍ତସ୍ରାବ ଆଘାତ ସୃଷ୍ଟି ପାଇଁ କଥିତ ଶାରୀରିକ ଆକ୍ରମଣ ଦସ୍ତାବିଜ ସାକ୍ଷ୍ୟ ଦ୍ୱାରା ପ୍ରମାଣିତ ହୋଇପାରି ନାହିଁ । ନିମ୍ନ ନ୍ୟାୟାଳୟ ନଥିରେ ଏପରି କିଛି ନାହିଁ ଯାହା ଦର୍ଶାଏ ଯେ ଉତ୍ତରଦାତା-ପତ୍ନୀଙ୍କୁ ଆଘାତ ପାଇଁ ଚିକିତ୍ସା କରାଯାଇଥିଲା । ଉପରୋକ୍ତ ଫଳାଫଳ ପାଇଁ ପାରିବାରିକ ନ୍ୟାୟାଳୟ, ଆବେଦନକାରୀ-ସ୍ୱାମୀଙ୍କ ଦ୍ୱାରା ପ୍ରଦର୍ଶିତ ଏକ ବିମୁକ୍ତ ପ୍ରମାଣପତ୍ର ଉପରେ, ନିର୍ଭର କରିଥିଲେ ।

6. ବାସ୍ତବତା ହେଉଛି, ଘରୋଇ ହିଂସା ମାମଲାରୁ ଉପୁଜିଥିବା ଆବେଦନ ଆମ ସମ୍ମୁଖରେ ରହିଛି । ଦେୱାନୀ ପ୍ରକ୍ରିୟା ସଂହିତା,1908ର ଆଦେଶ XLI  ନିୟମ 33 ଅପିଲ ନ୍ୟାୟାଳୟ ର କ୍ଷମତା ପ୍ରଦାନ କରେ । ଏହା ଦ୍ୱାରା,ଅନ୍ୟାନ୍ୟ ବିଷୟ ମଧ୍ୟରେ, ଯେକୌଣସି ଆଦେଶ, ଯାହା ପାରିତ ହେବା କିମ୍ବା କରାଯିବା ଉଚିତ, ଦେବା ପାଇଁ ଆମର କ୍ଷମତା ଅଛି । ଏହି କ୍ଷମତା ପ୍ରୟୋଗ କରି ଆମେ ଘରୋଇ ହିଂସା ମାମଲାରେ 16 ସେପ୍ଟେମ୍ବର, 2022 ରେ ଦିଆଯାଇଥିବା ଆକ୍ଷେପିତ ଆଦେଶକୁ ରଦ୍ଦ କରିଛୁ ଏବଂ ଏହି ମାମଲାକୁ ଦଣ୍ଡାଧିକାରୀଙ୍କ ନ୍ୟାୟାଳୟ ଯେ କି ପ୍ରଥମ ଶ୍ରେଣୀ ନ୍ୟାୟିକ ଦଣ୍ଡାଧିକାରୀ (ଜେଏମ୍ଏଫ୍ସି ନ୍ୟାୟାଳୟ -2), କେନ୍ଦୁଝରକୁ ପୁନଃସ୍ଥାପିତ କରିଅଛୁ । ନିବନ୍ଧ କାର୍ଯ୍ୟାଳୟ ଏହି  ଆଦେଶ ଉକ୍ତ ନ୍ୟାୟାଳୟ ଏବଂ ପାରିବାରିକ ନ୍ୟାୟାଳୟକୁ ଅବଗତ କରାଇବେ । ଘରୋଇ ହିଂସା ମାମଲାର ନଥିକୁ ପାରିବାରିକ ନ୍ୟାୟାଳୟ, ଜେଏମ୍ଏଫ୍ସି ନ୍ୟାୟାଳୟ-2 ଙ୍କୁ ପଠାଇବେ ।

7. ଏମ୍ଏଟିଏ ସଂଖ୍ୟା 217/2022କୁ ଉପରୋକ୍ତ ଭାବେ ପରିସମାପ୍ତ କରାଯାଇଛି । ପୂର୍ବରୁ ଘରୋଇ ହିଂସା ମାମଲାର ବିଚାର ପରେ ଦଣ୍ଡାଧିକାରୀ ଦ୍ୱାରା ପୂର୍ବ ଦେୟ ସମ୍ପୃକ୍ତି ନେଇ ସ୍ଥିର କରାଯିବା ବିଷୟରେ ଶ୍ରୀ ପରିଡ଼ାଙ୍କ ନିବେଦନ ନଥିଭୁକ୍ତ ହୋଇଛି ।

8. ଘରୋଇ ହିଂସା ଅଭିଯୋଗ ଏବଂ ଦାମ୍ପତ୍ୟ ଅଧିକାର ପୁନଃସ୍ଥାପନ, ଫଳରେ ହିଂସାକାଣ୍ଡ ଘଟାଇଥିବା ବ୍ୟକ୍ତିର ସମାଜରେ ସାମିଲ ହେଇପାରିବେ ବୋଲି ଅଭିଯୁକ୍ତ-ପତ୍ନୀଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ଦାସ କିପରି ତାଙ୍କ ମହକିଲ ପରସ୍ପର ବିରୋଧୀ ସ୍ଥିତି ବଜାୟ ରଖିପାରିବେ ବୋଲି ଶୁଣିବା ନେଇ, ଆମେ ଏମ୍ଏଟିଏ ସଂଖ୍ୟା 89/2022କୁ ମୁଲତବି ରଖିଛୁ ।

୨.	ଶ୍ରୀ ଦାସଙ୍କ ଦ୍ଵାରା ପ୍ରାର୍ଥନା ଅନୁଯାୟୀ 6 ଫେବୃଆରୀ, 2024 ରେ ଏମ୍‌ଏଟିଏ ସଂଖ୍ୟା ୫୨/2022 ତାଲିକାଭୁକ୍ତ କରାଯାଉ ।

*(ଅରିନ୍ଦମ ସିହ୍ନା)*
*ନ୍ୟାୟମୂର୍ତ୍ତି*

*(ଏମ୍. ଏସ୍. ସାହୁ)*
*ନ୍ୟାୟମୂର୍ତ୍ତି*

*ଜ୍ୟୋତି/ଜ୍ୟୋସ୍ନା*

## ଅସ୍ଵୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ଵୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ : - ଭବାନୀ ଶଙ୍କର ନାୟକ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

HIGH COURT ORISSA सत्यमेव जयते